ଶନିବାର, ୧୪ ଡିସେମ୍ବର, ୨୦୨୪

# ପିଲାଙ୍କ ଧରିତ୍ରୀ





## ଖିଲି ଖିଲି ହସ

ଶିକ୍ଷକ: ଟିଣ୍ଟୁ,ହୋମ୍‌ୱାର୍କ କାହିଁକି କରିନୁ ?
ଟିଣ୍ଟୁ: ସାର୍,ମୁଁ ହୋମ୍‌ୱାର୍କ କରିବାକୁ ବସିଲି ତ କରେଣ୍ଟ ପଳାଇଲା !
ଶିକ୍ଷକ: କରେଣ୍ଟ ଆସିଲା ପରେ କାହିଁକି ହୋମ୍‌ୱାର୍କ କଲୁନି ?
ଟିଣ୍ଟୁ: ସାର୍, ଡରିକି ହୋମ୍‌ୱାର୍କ କରିବାକୁ ବସିଲିନି, କାରଣ ମୋ କାରଣରୁ ପୁଣି କରେଣ୍ଟ ପଳାଉ ମୁଁ ଚାହୁଁ ନ ଥିଲି।

ଶିକ୍ଷକ: କହିଲୁ ଟିଟୁ , ଏମିତି କେଉଁ ଚଢ଼େଇ ଅଛି ଯାହାର ପକ୍ଷୀ ଥିବା ସତ୍ତ୍ୱେ ସେ ଉଡିପାରେନି ?
ଟିଟୁ: ସାର୍, ମରିଯାଇଥିବା ପକ୍ଷୀ।

ଶିକ୍ଷକ କ୍ଲାସ୍‌ରେ ପଢ଼ାଉଥିବା ସମୟରେ କହିଲେ, ତୁମ ଭିତରେ ଯିଏ ମୂର୍ଖ ସିଏ ଠିଆ ହୁଅ। ରାଜୁ ସଙ୍ଗେ ସଙ୍ଗେ ଠିଆ ହୋଇଗଲା।
ଶିକ୍ଷକ: ଆରେ ରାଜୁ ତୁ କ'ଣ ମୂର୍ଖ ?
ରାଜୁ: ମାମ୍, ଆପଣ ଏକା ଠିଆ ହୋଇଥିବାର ଦେଖି ମୁଁ ଠିଆ ହୋଇଗଲି।

ପିଲାଙ୍କ ଧରିତ୍ରୀ

ସମ୍ପାଦକ: ତଥାଗତ ସତପଥୀ

Printed and published by Adyasha Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

# ଚଗଲା ହେଲା ସୁନାପିଲା

ଗପ

ମା'ବାପାଙ୍କର ଗୋଟିଏ ବୋଲି ପୁଅ ଚଗଲା। ତା'ର ନାମ ଯେମିତି, କାମ ବି ସେମିତି। ଛୋଟବେଳୁ ଭାରି ଗେଲବସରରେ ବଢ଼ିଥାଏ। ଏବେ ତା'କୁ ବାର ବର୍ଷ, ଷଷ୍ଠ ଶ୍ରେଣୀରେ ପାଠ ପଢୁଛି, ହେଲେ ଏଯାଏ ତା'ର ବାଲ୍ୟଚପଳତା କି ଦୁଷ୍ଟାମି ଯାଇନି। ସାଙ୍ଗସାଥୀ ସମସ୍ତଙ୍କୁ ଚିଡ଼ାଏ, ଗୁରୁଜନମାନଙ୍କୁ ବି ସମ୍ମାନ ଦିଏନି। କାହାର କେଉଁ ଜିନିଷ ଭାଙ୍ଗିବା, କେଉଁଟା ନଷ୍ଟ କରିବା, ଅନ୍ୟମାନଙ୍କୁ ଥଟ୍ଟା-ପରିହାସ କରିବା ତା'ର ନିତିଦିନିଆ କାମ। ଭଲ ପିଲା ହେବା ପାଇଁ ବାପା ଦିବାକର ବାବୁ ଓ ମାଆ ଚନ୍ଦ୍ରମଣି ଦେବୀ ତା'କୁ କେତେ ପ୍ରକାରରେ ବୁଝାନ୍ତି ହେଲେ ସେମାନଙ୍କର ସବୁ ପରାମର୍ଶ ଏ କାନରେ ଶୁଣି ସେ କାନରେ ବାହାର କରିଦିଏ। ସ୍କୁଲରେ ସାର୍‌ମାନେ ବି ତା'କୁ ବୁଝାନ୍ତି, ହେଲେ ସେମାନଙ୍କ କଥାକୁ ବି ଖାତିର କରେନି।

ଦିନେ ଦିବାକରବାବୁ ସକାଳୁ ସକାଳୁ ଚଗଲାକୁ ଡାକି କହିଲେ "ପୁଅରେ, ମୋର ଜଣେ ସାଙ୍ଗର ଦେହ ଭଲ ନାହିଁ। ତୋ ମାଆ ସାଥୀରେ ତାଙ୍କ ଘରକୁ ଯାଉଛୁ। ତୁ ସକାଳୁ ସଞ୍ଜଯାଏ ଘରେ ଏକୁଟିଆ ରହିବୁ। ଦୁଷ୍ଟ ହେବୁ ନାହିଁ କି କୁଆଡ଼େ ଯିବୁ ନାହିଁ।" ଚଗଲା ବାପାଙ୍କୁ ହଁ କହିଲା, ହେଲେ ସେମାନେ ଚାଲିଗଲା ପରେ ତା'କୁ ସ୍ୱାଧୀନତା ମିଳିଗଲା। ଭାବିଲା, ଆଜି ଜଙ୍ଗଲକୁ ଯିବ, ବୁଲିବ, ମଜା କରିବ। ପନ୍ଦର ମିନିଟ୍ ଯାଇଛି କି ନାହିଁ ସେ ଜଙ୍ଗଲକୁ ଯିବା ପାଇଁ ବାହାରି ପଡ଼ିଲା। ପାଞ୍ଚସାତ କିଲୋମିଟର ସାଇକେଲରେ ଯିବା ପରେ ରାସ୍ତା କଡ଼ରେ ତାଲା ମାରି ସାଇକେଲଟିକୁ ରଖି ଦେଲା। ତା'ପରେ ଦୁର୍ଗମ ରାସ୍ତାରେ ଚାଲି ଚାଲି ଗଲା। ବଣ ଜଙ୍ଗଲର ପ୍ରାକୃତିକ ଦୃଶ୍ୟ, ସବୁଜ ସୁନ୍ଦର ବୃକ୍ଷଲତା, ରଙ୍ଗବେରଙ୍ଗର ଫୁଲଫଳପତ୍ର, ଚଢ଼େଇମାନଙ୍କର କିଚିରିମିଚିରି ଶବ୍ଦ ତାକୁ ବିମୋହିତ କରିଦେଲା। କିଛି ଦୂର ଯାଇଛି କି ନାହିଁ ଦେଖିଲା ଏକ ମହାବଳ ବାଘ ତା ଆଡକୁ ଆସୁଛି। ବାଘକୁ ଦେଖିବା ମାତ୍ରେ ଚଗଲା ଭୟରେ ଥରି ଉଠିଲା। କ'ଣ କରିବ କ'ଣ ନାଇଁ ଚିନ୍ତା କରିପାରିଲା ନାହିଁ। ଭାବିଲା, ବିପଦରୁ ରକ୍ଷା ପାଇବା ପାଇଁ ଉପସ୍ଥିତ ବୁଦ୍ଧି ଓ ଧୈର୍ଯ୍ୟ ଏକମାତ୍ର ସାହାରା। ଚାରିଆଡ଼କୁ ଅନାଇବା ପରେ ଦେଖିଲା, ପାଖରେ ଗୋଟିଏ ଖାଲ ଅଛି। ତୁରନ୍ତ ଖାଲ ନିକଟକୁ ଗଲା ଆଉ ବାଘ ଯେମିତି ଦେଖିପାରିବ ନାହିଁ ଶୋଇ ରହି ଲୁଚିଗଲା। କିଛି ସମୟ ପରେ ବାଘ ନିଜ ବାଟରେ ଚାଲିଗଲା। ଚଗଲା ଚାରିଆଡ଼କୁ ନିରୀକ୍ଷଣ କଲା ପରେ ଆଉ ବିପଦ ନ ଥିବାର ଅନୁଭବ କଲା। ଖାଲରୁ ଉଠି ଦେଖିଲା, ତା'ର ପ୍ୟାଣ୍ଟଶାର୍ଟ ଓ ହାତଗୋଡ଼ରେ ମାଟି, କାଦୁଅ ଓ ଗୋଳିଆ ପାଣି ଲାଗିଯାଇଛି। କାଦୁଅ ସଫା କରିବା ପାଇଁ ସେ ପାଖରେ ଥିବା ଏକ ଗାଡ଼ିଆକୁ ଗଲା। ଗାଡ଼ିଆ କୂଳରେ ଛୋଟ ଛୋଟ ବେଙ୍ଗ ଛୁଆ ମନ ଆନନ୍ଦରେ ଖେଳୁଥିଲେ। ବେଙ୍ଗଛୁଆମାନଙ୍କର ମନମତାଣିଆ ଖେଳ ତା'କୁ ଭାରି ଭଲ ଲାଗିଲା। ସେ ଯେତେ ଯେତେ ସେମାନଙ୍କ ନିକଟକୁ ଗଲା ବେଙ୍ଗଛୁଆମାନେ ସେତେ ସେତେ ଦୂରକୁ ଚାଲି ଯାଉଥିଲେ। ଶେଷରେ ବେଙ୍ଗଛୁଆ ଡରିଯାଇ ମାଆ ବେଙ୍ଗ ପାଖକୁ ଧାଇଁଗଲେ। ସତେ ଯେମିତି ସେମାନଙ୍କୁ ଆଶ୍ରୟ ଓ ସୁରକ୍ଷା ମିଳିଗଲା। ଚଗଲା ମାଆ ବେଙ୍ଗକୁ ପଚାରିଲା- "ତମ ଛୁଆମାନେ ତ ମନ ଖୁସିରେ ଖେଳୁଥିଲେ ହେଲେ ମତେ ଦେଖି ସେମାନେ ତମ ପାଖକୁ ଚାଲିଗଲେ କାହିଁକି?" ମାଆ ବେଙ୍ଗ କହିଲା-"ବୁଝିଲ ବାବୁ, ମୁଁ ମୋ ପିଲାମାନଙ୍କୁ ସ୍ୱାଧୀନତା ଦେଇଛି, ସେମାନଙ୍କୁ ଭଲରେ ଲାଳନପାଳନ କରିବା ସହିତ ସେମାନଙ୍କର ଉପଯୁକ୍ତ ସେବାଯତ୍ନ ମଧ୍ୟ ନେଉଛି, ତେବେ ମୁଁ ଚାହେଁ ସ୍ୱାଧୀନତା ଆଳରେ ମୋ ପିଲାମାନେ ବିପଥଗାମୀ ହୋଇ ନ ଯାଆନ୍ତୁ। ଅଦରକାରୀ ଦମ୍ଭ ଓ ବାହାଦୁରି ଦେଖାଇ ବିପଦକୁ ବରଣ ନ କରନ୍ତୁ। ପିଲାମାନଙ୍କର ମୋ ଉପରେ ଗଭୀର ବିଶ୍ୱାସ ଅଛି। ସେମାନେ ମା'ବାପାଙ୍କ ସଦୁପଦେଶ ଓ ସୁପରାମର୍ଶ ମାନି ଚଳନ୍ତି।" ମାଆ ବେଙ୍ଗର କଥାବାର୍ତ୍ତା ଚଗଲାକୁ ପ୍ରଭାବିତ କଲା। ସେ ଅନୁତାପ କଲା, ଏଣିକି ସେ ଭଲ ପିଲା ହେବ ବୋଲି ଚିନ୍ତା କଲା। କଥାରେ ନ କହି କାମରେ ଦେଖାଇବ ବୋଲି ଶପଥ ନେଲା। ତା'ପରଠାରୁ ଚଗଲା ବଦଳିଗଲା। ତା'ର ମାର୍ଜିତ ଚାଲିଚଳଣି ଦେଖି ସମସ୍ତେ ଖୁସି ହେଲେ।



**- ଦେବରାଜ ପାଣିଗ୍ରାହୀ**
ଛେମତଲା, ପୁଇଁତଲା, ବଲାଙ୍ଗୀର
ମୋ: ୯୭୭୭୧୩୫୧୬୯

# ଶୋଇବାକୁ ଭଲ ଲାଗେ କାହିଁକି

ଶୀତଦିନେ ସମସ୍ତଙ୍କୁ ବେଶି ସମୟ ଶୋଇବାକୁ ଇଚ୍ଛା ହୁଏ। କେବଳ ଥଣ୍ଡା ଯୋଗୁ ଏପରି ଇଚ୍ଛା ହୁଏ ବୋଲି ଆମେ ଭାବିଥାଉ। ହେଲେ ଏହି ଋତୁରେ ଅଧିକ ନିଦ ଲାଗିବାର ବିଭିନ୍ନ ପ୍ରକାର କାରଣ ରହିଛି। ପ୍ରଥମ କଥା ହେଉଛି ଶୀତଦିନେ ରାତି ବହୁତ ବଡ ଓ ଦିନ ଛୋଟ। ଏହା ବ୍ୟତୀତ ଏହି ଦିନେ ଶରୀରରେ ସୂର୍ଯ୍ୟକିରଣ କମ୍ ପଡୁଥିବାରୁ ଭିଟାମିନ୍-ଡି କମ୍ ହୋଇଥାଏ। ସେଥିପାଇଁ ନିଦ ଲାଗିଥାଏ ଓ ସକାଳୁ ଶୀଘ୍ର ଉଠିବାକୁ ଇଚ୍ଛା ହୁଏନି। ଏହାର ଆହୁରି ବିଭିନ୍ନ କାରଣ ମଧ୍ୟ ରହିଛି।

✪ ଶୀତଦିନେ ରାତିରେ ଲମ୍ୱା ନିଦ ଶୋଇବା ପରେ ବି ସକାଳୁ ଆଳସ୍ୟ ଅନୁଭବ ହୋଇଥାଏ। ବିଶେଷଜ୍ଞଙ୍କ ମତରେ ଏହାର କାରଣ ହେଉଛି ଶୀତଦିନେ ଶରୀରରେ ମେଲାଟୋନିନ୍ ହର୍ମୋନ୍‌ର ସ୍ତର ବହୁତ ଅଧିକ ହୋଇ ଯାଇଥାଏ। ଏହା କାରଣରୁ ଅଧିକ ନିଦ ଲାଗିଥାଏ।

✪ ଅନ୍ୟ କେତେକ ବିଶେଷଜ୍ଞଙ୍କ କହିବା ଅନୁସାରେ ସୂର୍ଯ୍ୟକିରଣ ବା ଆଲୋକ ପ୍ରଭାବରେ ଆମ ମସ୍ତିଷ୍କର ଏକ ସ୍ୱତନ୍ତ୍ର ଭାଗ ଉତ୍ତେଜିତ ହୋଇଥାଏ ଯେଉଁଠାରେ ମେଲାଟୋନିନ୍ ହର୍ମୋନ୍ ସୃଷ୍ଟି ହୋଇଥାଏ। ତେଣୁ ଆଲୋକ କମ୍ ପଡିବାରୁ ମସ୍ତିଷ୍କ ଶରୀରର ଅନ୍ୟ ଅଙ୍ଗକୁ ଖବର ପ୍ରେରଣ କରେ କି ଏବେ ଏହା ଶୋଇବା ସମୟ। ତେଣୁ ଏହି କାରଣରୁ ମଧ୍ୟ ଶୀତଦିନେ ଅଧିକ ନିଦ ଲାଗିଥାଏ।

✪ ଶୀତଦିନେ ସାଧାରଣତଃ ସମସ୍ତେ ଅଧିକ ଭୋଜନ କରିଥାନ୍ତି। ତେଣୁ ଶରୀରର ଅଧିକାଂଶ ଉର୍ଜା ଖାଦ୍ୟ ହଜମ ପ୍ରକ୍ରିୟାରେ ଦରକାର ହୋଇଥାଏ ଓ ଆଳସ୍ୟ ଅନୁଭବ ହୁଏ।

✪ ଶୀତଋତୁରେ ଶରୀରକୁ ଠିକ୍ ରଖିବା ପାଇଁ ହେଲେ ବ୍ୟାୟାମ କରିବା ସହିତ ସନ୍ତୁଳିତ ଖାଦ୍ୟ ଗ୍ରହଣ କରିବା ଦରକାର।



## ତୁମ ପଢ଼ିବା ପାଇଁ

# ସରଗରାଇଜୁ ଆସିଛି ପରୀ



ଶିଶୁ କବିତା ସଙ୍କଳନ 'ସରଗରାଇଜୁ ଆସିଛି ପରୀ'ରେ ସ୍ଥାନିତ ହୋଇଛି ୩୩ଟି ଭିନ୍ନ ସ୍ୱାଦର କବିତା। ସେଗୁଡିକ ମଧ୍ୟରୁ ମାଆ, ମୋ ଛବିବହି, ଟ୍ରାଫିକ୍ ନିୟମ, ନିଠୁର ପୋଷା ବିଲେଇ, ସମୟ, ଗାଆଁଟି ମୋହର, ସରଗରାଇଜୁ ଆସିଛି ପରୀ, ମାଆର ଗାଳି ଆଦିର ଉପସ୍ଥାପନା ଛୋଟ ପିଲାଙ୍କ ମନକୁ ଛୁଇଁବ ବୋଲି ଆଶା କରାଯାଏ। ରେଣୁବାଳା ଦଳାଇଙ୍କ ରଚିତ ଏହି କବିତା ସଙ୍କଳନର ମୂଲ୍ୟ ରହିଛି ୭୫ଟଙ୍କା। ଯୋଗାଯୋଗ: ରେଣୁବାଳା ଦଳାଇ, ପୁରୀ। ମୋ : ୯୮୬୧୪୪୫୧୬

# ମତାମତ

➲ 'ଗପ' ସ୍ତମ୍ଭରେ ପ୍ରକାଶିତ 'ମନଲୋଭା ବସା' ଗପଟି ପଢ଼ିବାକୁ ଭଲ ଲାଗିଲା।

**-ବିବେକ ସାହୁ,ଢେଙ୍କାନାଳ**

➲ 'ପତ୍ର ବି ଉପକାରୀ' ବିଷୟରୁ ପିଜୁଳି ପତ୍ର ବିଷୟରେ କିଛି କଥା ଜାଣିହେଲା।

**-ଅୟସକାନ୍ତ ଦାସ, ରାଉରକେଲା**

➲ ଏଥର 'ତୁମ ତୂଳୀରୁ' ସ୍ତମ୍ଭରେ ପ୍ରକାଶିତ ଚିତ୍ରଗୁଡିକ ସୁନ୍ଦର ହୋଇଛି।

**-ତପସ୍ୱିନୀ ବରାଳ, ବାରିପଦା**

➲ 'ଡଲ୍ ମ୍ୟୁଜିୟମ' ବିଷୟଟି ପଢ଼ି ସେ ସମ୍ପର୍କରେ କେତେ କଥା ଜାଣିହେଲା।

**-ମୋନାଲିସା ରାଉତ, ଜଗତ୍‌ସିଂହପୁର**





ସ୍କୁଲରୁ ଫେରିବା ପରେ ଭାରାକ୍ରାନ୍ତ ଲାଗିଥାନ୍ତି ପିଲାମାନେ। ବ୍ୟସ୍ତ ହୋଇପଡନ୍ତି ଓ ଥକ୍କା ଅନୁଭବ କରନ୍ତି। ଏ ସମୟରେ ମୁଡ୍ ଫ୍ରେଶ୍ କରିବା ନିହାତି ଆବଶ୍ୟକ । ଏଥିପାଇଁ ତ କିଏ ଖେଳାବୁଲା କରନ୍ତି ତ ଆଉ କିଏ ସାଙ୍ଗସାଥୀଙ୍କ ସହ ଗପସପରେ କିଛି ମୁହୂର୍ତ୍ତ କଟାଇ ଥାନ୍ତି। ଏଭଳି ମାଧ୍ୟମରେ ସେମାନେ ପୁଣି ଥରେ ନୂଆ ଉତ୍ସାହରେ ଆରମ୍ଭ କରନ୍ତି ପାଠପଢ଼ା। ତେବେ ପିଲାଙ୍କ ଥକ୍କାପଣ ଦୂର କରିବା ପାଇଁ ଜାଣନ୍ତୁ କିଛି ଉପାୟ...

# ମୁଡ୍ ଫ୍ରେଶ୍

## ପିଲାର ଥକ୍କାପଣକୁ କରନ୍ତୁ ଦୂର

ସ୍କୁଲରୁ ଆସିଲା ପରେ ପିଲାକୁ କିଛି ସମୟ ରେଷ୍ଟ ନେବାକୁ ଦିଅନ୍ତୁ। ଫ୍ୟାନ୍ ଅନ୍ କରି କିଛି ସମୟ ବିଶ୍ରାମ ନେବାକୁ କୁହନ୍ତୁ। ଅଧା ଘଣ୍ଟା ପରେ ତାକୁ ଫ୍ରୁଟ୍ସ ଜୁସ୍ କିମ୍ବା ଅନ୍ୟ କିଛି ଜଳଖିଆ ଖାଇବାକୁ ଦିଅନ୍ତୁ। ଆପଣ ପିଲାକୁ ଡ୍ରାଏ ଫ୍ରୁଟ୍ସକୁ ମଧ୍ୟ ଦେଇପାରିବେ। ଘଣ୍ଟାଏ ପରେ ତାକୁ ହୋମ୍ୱର୍କ କରିବାକୁ କୁହନ୍ତୁ। ପିଲାମାନେ ପାଠ ପଢ଼ିବା ସମୟରେ ମୋବାଇଲ, କମ୍ପ୍ୟୁଟର, ଲାପ୍‌ଟପ ଭଳି ଜିନିଷକୁ ଦୂରେଇ ରଖିବା ଦରକାର। ଏପରି କଲେ ପିଲାମାନେ ଖୁବଶୀଘ୍ର ହୋମୱର୍କ ସାରିପାରିବେ। ପିଲାକୁ କିଛି ସମୟ ରେଷ୍ଟ ନେବା ପାଇଁ କୁହନ୍ତୁ। ସେ ଶୋଇକି ଉଠିବା ପରେ ତାକୁ ବାହାରେ ସାଙ୍ଗସାଥିଙ୍କ ସହିତ କିଛି ସମୟ ଖେଳିବାକୁ ଛାଡନ୍ତୁ।

## ଭରପୂର ମାତ୍ରାରେ ପାଣି ପିଅନ୍ତୁ

ପିଲା ସ୍କୁଲ୍‌ରୁ ଆସିଲା ପରେ ତାକୁ ପାଣି ପିଇବାକୁ ଦିଅନ୍ତୁ। ଏହାଦ୍ୱାରା ପିଲାର ମାଇଣ୍ଡ ଫ୍ରେଶ ରହିବ ଏବଂ ଥକିବ ନାହିଁ। ଧ୍ୟାନ ରଖିବା ଉଚିତ ଯେ ପିଲାକୁ ମଝିରେ ମଝିରେ ପାଣି ପିଇବାକୁ କହିବା। ଏହାଦ୍ୱାରା ପିଲାର ବଡି ହାଇଡ୍ରେଟ୍ ରହିବ ଓ ପିଲାକୁ ଥକା ଲାଗିବ ନାହିଁ। ପିଲାଙ୍କୁ କିଛି ସମୟ ରିଲାକ୍ସ କରିବା ପାଇଁ ତାକୁ ତା'ର ମନପସନ୍ଦର ବହି କିମ୍ବା ଅନ୍ୟ କିଛି ଜିନିଷ ଦେଇପାରିବେ। ଟିଭି ଶୋ ମାଧ୍ୟମରେ କିଛି ସମୟର ରିଲାକ୍ସ ଦେଇପାରିବେ। ଏସବୁ ମାଧ୍ୟମରେ ପିଲାମାନେ ମୁଡ୍ ଫ୍ରେଶ ରଖିପାରିବେ।

## ପିଲା ସହିତ ମିଶି କଥା ହୁଅନ୍ତୁ

ଏହା ବ୍ୟତୀତ ନିଜ ପିଲାକୁ ପାଖରେ ବସାଇ କିଛି ସମୟ ତା' ସହିତ କଥାବାର୍ତ୍ତା ହୁଅନ୍ତୁ। ଯଦି ଆପଣଙ୍କ ପିଲା ଅଧିକ ପରିମାଣରେ ମୋବାଇଲ୍ ବ୍ୟବହାର କରୁଥାଏ ତେବେ ତାକୁ ମୋବାଇଲ ଫୋନ୍ ଦେବା ବନ୍ଦ କରି ଦିଅନ୍ତୁ। ସ୍କୁଲରୁ ଆସିଲା ପରେ ପିଲାକୁ ଖିଆପିଆ ଓ ଅନ୍ୟ କାମରେ ବ୍ୟସ୍ତ କରାନ୍ତୁ। କିଛି ଘରକାମ କରାଇବା ବାହାନାରେ ପିଲାଙ୍କୁ ଅନ୍ୟମନସ୍କ କରାଇ ଭୁଲାଇ ଦିଅନ୍ତୁ।

## ସୁନିଦ୍ରା

ଧ୍ୟାନ ରଖନ୍ତୁ ଯେ ପ୍ରତ୍ୟେକ ପିଲାକୁ ୭-୮ ଘଣ୍ଟା ଶୋଇବା ନିହାତି ଆବଶ୍ୟକ। ଆପଣ ଚାହିଁଲେ ତାକୁ ଶୀଘ୍ର ଉଠାଇ ବ୍ୟାୟାମ ଆଦି କରାଇପାରିବେ। ଏହାଦ୍ୱାରା ଚିନ୍ତାଗ୍ରସ୍ତ କିମ୍ବା ଥକ୍କା ଅନୁଭବ କରିବେନି। ବେଳେବେଳେ ମାତାପିତା ତାଙ୍କ କଥା କୁହନ୍ତି ହେଲେ ପିଲା କଥାକୁ ଗୁରୁତ୍ୱ ଦିଅନ୍ତି ନାହିଁ। ଏହା ବ୍ୟତୀତ ମାତାପିତାଙ୍କୁ ପିଲାର କଥା ଶୁଣିବା ମଧ୍ୟ ଜରୁରୀ। ଏହାଦ୍ୱାରା ପ୍ୟାରେଣ୍ଟ୍ସ ଭଲଭାବେ ପିଲାର ମନକଥା ବୁଝିପାରିବେ।



## ଏମାନେ କ'ଣ କରନ୍ତି...

### ମୁଡ୍ ଉପରେ ଗୁରୁତ୍ୱ ଦିଏ



ସ୍କୁଲରେ ପାଠପଢ଼ା ଏବଂ ଘରେ ହୋମ୍ ୱର୍କ-ଏସବୁ ଭିତରେ ମନକୁ ଟିକେ ଫ୍ରି ରଖିବା ନିହାତି ଦରକାର। ତେଣୁ ମୁଁ ପାଠପଢ଼ା ସହ ଏହା ଉପରେ ମଧ୍ୟ ନଜର ଦିଏ। ଯଦି ପାଠ ପଢ଼ାରେ ମନ ଲାଗୁ ନଥାଏ, ତେବେ ସେହି ସମୟରେ କିଛି ସମୟ ବିରତି ନେଇ ଟିକେ ଚଲାବୁଲା କରେ। କାରଣ ପାଠପଢ଼ିବାକୁ କିପରି ମୁଡ୍ ରହିବା ଦରକାର ତାହାକୁ ପ୍ରଥମେ ଗୁରୁତ୍ୱ ଦିଏ। ବୋରିଂ ଲାଗିଲେ ପରିବାର ସଦସ୍ୟଙ୍କ ସହ କଥା ହୁଏ। ଉପରବେଳା ସାଙ୍ଗମାନଙ୍କ ସହ ଖେଳେ। ନିଜକୁ ଏଭଳି ପରିବେଶରେ ରଖେ ଯେ, ମନ ଯେମିତି ଭାରାକ୍ରାନ୍ତ ନ ହୁଏ ସେଥିପାଇଁ ସବୁବେଳେ ନିଜକୁ ଏକ ସକାରାତ୍ମକ ପରିବେଶରେ ରଖିବାକୁ ଚେଷ୍ଟା କରେ।

-**ଆଦ୍ୟାଶା ପଣ୍ଡା,** କ୍ଲାସ୍-୮, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବ୍ରହ୍ମଗିରି, ପୁରୀ

### ମନକୁ ହାଲୁକା ରଖେ



ଏବେ ତ ମୋର ପାଠପଢ଼ା ସମୟ। ତେଣୁ ମୁଁ ସବୁବେଳେ ମନକୁ ହାଲୁକା ରଖେ। କାରଣ ଏହାଦ୍ୱାରା ପାଠ ପଢ଼ିବା ପାଇଁ ଆଗ୍ରହ ସୃଷ୍ଟି ହୋଇଥାଏ। ନିଜ ଉପରୁ ପାଠ ବୋଝ ହାଲୁକା କରିବା ପାଇଁ ପ୍ରତିଦିନର କାମ ସେହିଦିନ ଶେଷ କରେ। ମୁଡ୍ ଫ୍ରେଶ୍ କରିବାକୁ ମୁଁ କିଛି ସମୟ ଖେଳିଥାଏ। ସାଙ୍ଗସାଥୀଙ୍କ ସହ ହସଖୁସିରେ କଥା ହୁଏ, ତେଣୁ ମୋର ମନ ପ୍ରାୟ ହାଲୁକା ରହିଥାଏ।

-**ଅଦ୍ୱୟ କୁମାର ମହାଉତି,** କ୍ଲାସ୍-୮, ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, ଖରିଆର, ନୂଆପଡ଼ା


୧


୨


୩


୭


୪


୫


୬


୮


ଆର୍ଯ୍ୟବର୍ମନ ଜେନା
କ୍ଲାସ୍- ୧, ଡିଏଭି ପବ୍ଲିକ ସ୍କୁଲ, ଅନୁଗୋଳ
୧

ଆୟୁଷ ମିଶ୍ର
କ୍ଲାସ୍- ୯, ବିଜେଇଏମ୍ ସ୍କୁଲ, ବିଜେବି ନଗର, ଭୁବନେଶ୍ୱର

୨


ସାଇ ଶିବେଶ ବେହେରା
କ୍ଲାସ୍- ୬, କାର୍ମେଲ ସ୍କୁଲ, ରାଉରକେଲା
୩

ପ୍ରିୟାଂଶୀ ଜେନା
କ୍ଲାସ୍-୪, ମୋନାଲିସା ଇଂରାଜୀ ମାଧ୍ୟମ ବିଦ୍ୟାଳୟ, ଖୋର୍ଦ୍ଧା

୪


ଅମିୟ ରଞ୍ଜନ ଦାଶ
କ୍ଲାସ୍- ୬, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କୁକୁରଜଙ୍ଗା, ଝାରସୁଗୁଡା
୫

ଜିନା ଚୌଧୁରୀ
କ୍ଲାସ୍- ୭, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ରାମଗିରି, ଗଜପତି

୬


ଆକାଂକ୍ଷା ନାୟକ
କ୍ଲାସ୍- ୩, କେନ୍ଦ୍ରୀୟ ବିଦ୍ୟାଳୟ ନଂ-୧, ଭୁବନେଶ୍ୱର
୭

ସଞ୍ଜନା ବେହେରା
କ୍ଲାସ୍-୫, ତଡାସ ରାମହଂସପୁର ୟୁଜିୟୁପି ବିଦ୍ୟାଳୟ, ପୁରୀ

୮



# ସମୟ

ସମୟ ଆମ ବଳବାନଟି
ସଦୁପଯୋଗ କର
ଯେଉଁ ସମୟେ ଯେଉଁ କାମଟି
ଠିକ୍ ଠିକ୍‌ରେ ସାର।
ପଢାବେଳରେ ପଢ଼ିବ ପାଠ
ଖେଳ ବେଳରେ ଖେଳ
ରାତିପାହିଲେ ଶେଯରୁ ପିଲେ
ଉଠ ନିତି ସଅଳ।
ବିଦ୍ୟାଳୟକୁ ଠିକ୍ ସମୟେ
ଯିବରେ ପଢ଼ି ପାଠ
ସମୟ ଆମ ମୂଲ୍ୟବାନଟି
କରିବ ନାହିଁ ମଠ।
ନିତି ସକାଳେ ପ୍ରଭୁଙ୍କ ନାମ
ତୁଣ୍ଡରେ ତୁମେ ଭଜ
ଗଣିତ କଷ ବିଜ୍ଞାନ ପଢ଼
ହେଇଯିବ ସହଜ।
ଆଜିର କାମ ଆଜି କରିଲେ
ହାଲୁକା ହୋଇଯିବ
ଆଜିର ପାଠ ଆଜି ପଢ଼ିଲେ
ଆଗକୁ ମାଡ଼ିଯିବ।

– ନଳିନୀ ଦାଶ
ଭିକାରିପଡ଼ା, ନୟାଗଡ଼
ମୋ: ୯୨୩୮୯୯୬୬୭୯

## କ ବି ତା

# ହୁଅନି କାତର

ଶୀତ ପାଇଁ ପିଲେ ହୁଅନି କାତର
ସଅଳ ସଅଳ ଉଠ
ଘର ପାଠ ସାରି ସ୍କୁଲ ଯିବ ପରା
ଆଉ କରନାହିଁ ମଠ।
ଶୀତଦିନ ସାନ ପାଠ ଯେ ଅଧିକ
କଥା ଟିକେ ତୁମେ ବୁଝିବ
ଅଳସ ପାସୋରି ଅଭ୍ୟାସ କଲେ
ଭଲ ମଣିଷଟେ ହେବ।
କେତେ ଯେ ସକାଳୁ ପକ୍ଷୀ ରାବିଲେଣି
ଗାଈ ଚରିବାକୁ ଗଲେ
ଚାଷୀମାନେ ଦେଖ ହଳକୁ ଯେ ନେଇ
କ୍ଷେତକୁ ଗମନ କଲେ।
ମନ୍ଦିର ପୂଜାରୀ କଲେଣି ଆଳତି
ଦିଅଁଙ୍କୁ ଦେଲେଣି ଭୋଗ
ପରିବା ବିକାଳି ଡାକିଲେଣି ପରା
ନିଅ ସଜ ତୋଳା ଶାଗ।
ଅଳସ ଛାଡି ପାଠକୁ ଜାଣିଲେ
ବଡ଼ ଲୋକେ ହେବ ଗଣା
ଦେଶ ଭବିଷ୍ୟତ ତୁମେ ଅଟ ପିଲେ
ପାଠ କରିବନି ଊଣା।

– ଗୋପୀନାଥ ଦାଶ
ବରପାଲିପଡ଼ା, ବଲାଙ୍ଗୀର
ମୋ: ୬୩୭୧୮୦୫୦୭୦

# ଶୀତର ମଜା

ଗଲା ହେମନ୍ତ ଆସିଛି ଶୀତ
କାକର ପଡେ ଘାସେ
ସକାଳ ଖରା ଉଷୁମ ଦିଏ
ଫୁଲ ଫୁଟିକି ବାସେ।
ପାଣି ପବନ ପାଲଟେ ଥଣ୍ଡା
ସତେ ବରଫ ପରି
ପୋଇଁଲେ ନିଆଁ ଶୀତର ଦାଉ
କାଲୁଆ ଯାଏ ସରି।
ନିଦରୁ ଉଠି ପାଠଶାଳାକୁ
ଟୁକୁନା ଯାଏ ହସି
ବାଟ ଚାଲନ୍ତି ନିତେଇ ଅଜା
ଶୀତରେ କାଶି କାଶି।
ଶୀତକୁ ମଣି ନିଜର ମିତ
ଧାନ କାଟଇ ଚାଷୀ
ପନିପରିବା ଚାରା ପୋତଇ
ସପନା କ୍ଷେତେ ପଶି।
ଶୀତରେ ଫୁଟେ ଗଛରେ ଗେଣ୍ଡୁ
ଲକ୍ଷ୍ମୀ ହୁଅନ୍ତି ପୂଜା
ଶୀତରେ ହୁଏ ବଣଭୋଜି ତ
ଖୁସି ମଉଜ ମଜା।

– ପ୍ରଶାନ୍ତ କୁମାର ଦାଶ
କୁଞ୍ଜର ସଙ୍ଗଳାଇ, ପିପିଲି, ପୁରୀ
ମୋ: ୯୬୨୮୮୨୨୧୯୦

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ



# ପୋକେମନ୍ କାର୍ଡ ସଂଗ୍ରହକାରୀ

ଲୋକେ ନିଜ ନିଜର ହବି ଅନୁସାରେ ବିଭିନ୍ନ ପ୍ରକାର ଜିନିଷ ସଂଗ୍ରହକରି ରଖନ୍ତି। ଏଭଳି ଅଭ୍ୟାସ ବେଳେବେଳେ ରେକର୍ଡ କରିବାର ସୁଯୋଗ ଦେଇଥାଏ। ଏହାର ଏକ ଉଦାହରଣ ହେଉଛନ୍ତି ବ୍ରିଟେନର ଦୁଇ ଭାଇ ଓୱେନ ଓ କୋନର ଗ୍ରେ। ଦୁଇ ଭାଇ ମିଳିତ ଭାବେ ପୋକେମନ୍ କାର୍ଡ ସଂଗ୍ରହକରି ଗିନିଜ୍ ରେକର୍ଡ କରିଛନ୍ତି। ଏମାନେ ଏବେ ସୁଦ୍ଧା ୪୮,୩୩୯ରୁ ଅଧିକ ପୋକେମନ୍ କାର୍ଡ ସଂଗ୍ରହକରି ରଖିଛନ୍ତି। ଏତେ ସଂଖ୍ୟକ କାର୍ଡ ସଂଗ୍ରହକରି ନିଜର ପୂର୍ବ ରେକର୍ଡକୁ ମଧ୍ୟ ଭାଙ୍ଗିଛନ୍ତି। ୨୦୨୩ ମସିହାରେ ସେମାନେ ୩୪,୩୧୦ଟି କାର୍ଡ ସଂଗ୍ରହ କରି ଗିନିଜ୍ ରେକର୍ଡରେ ସ୍ଥାନ ପାଇଥିଲେ। ସେମାନେ ସଂଗ୍ରହ କରିଥିବା କାର୍ଡ ମଧ୍ୟରେ କିଛି ଏଭଳି ବିରଳ କାର୍ଡ ରହିଛି, ଯାହାର ମୂଲ୍ୟ ହଜାର ଟଙ୍କାରୁ ଅଧିକ। ତେବେ ଏସବୁ କାର୍ଡ ମଧ୍ୟରେ ଦୁଇଟି କାର୍ଡ ସେମାନେ ନିଲାମରେ ଭାଗ ନେଇ ସଂଗ୍ରହ କରିଛନ୍ତି।

# ଏଥରର ?

- ଭୂମିକମ୍ପ ମାପିବା ଯନ୍ତ୍ରର ନାମ ?
- 'ହୋମ୍ ଆଣ୍ଡ ଦି ୱାର୍ଲଡ' ପୁସ୍ତକର ଲେଖକ ?
- ତୁମେ ମତେ ରକ୍ତ ଦିଅ ମୁଁ ତୁମକୁ ସ୍ୱାଧୀନତା ଦେବି। ଏହି ସ୍ଲୋଗାନ୍‌ଟି କାହାର ଥିଲା ?
- କେଉଁ ତାପମାତ୍ରାରେ ଜଳ ଫୁଟିବା ଆରମ୍ଭ କରେ ?
- କେଉଁ ସହରକୁ ଦକ୍ଷିଣ ଭାରତର ମାଞ୍ଚେଷ୍ଟର କୁହାଯାଏ ?

## ଗତଥରର ଉ ତ୍ତ ର

- ସ୍ପୁଟନିକ–୧
- ମ୍ୟାରୀ କ୍ୟୁରି
- ଆଇସ୍ ହକି
- ଲିଭର
- ଆଫ୍ରିକା

# କହିଲ ଦେଖି

ଭୂତ ନୁହେଁ ଦେହ ଥରାଇ ଦିଏ
ନିଆଁକୁ ଦେଖିଲେ ଡରଇ ସିଏ
ପାଣି ଭିତରେ ସେ ଆସେ,
ହୁଏ ଭୋଜିଭାତ, ଉଷ୍ଣ ଖାଦ୍ୟ ହିତ
ପକ୍ୱ ଶସ୍ୟ କ୍ଷେତ ହସେ।
କୁହ ଇଏ କିଏ
ଚାରି ମାସ ରହେ।



ଉତ୍ତର – ଶୀତ

ଶାଆର୍ଟର ବଡ଼ ଭାଇ
ପୋଷାକକୁ ଗିଲେ,
ପୁରା, ଅଧା, ହାତ ଗଡା
କିଣିଲେ ବି ମିଳେ।
ବିଭିନ୍ନ ରଙ୍ଗର ଦେହଟି କାହାର
ଲୋଡ଼ା ହୁଏ ଏଇ କାଳେ।



ଉତ୍ତର – ସ୍ୱେଟର

ଶିବ ନ ହୋଇ ସର୍ପ ପରିକା
ବେକରେ କାନରେ ଗୁଡ଼ାଅ ତାହା,
ନରମ, ଲମ୍ବୁଆ ଦେହର ଗଠନ
ଥଣ୍ଡା ପବନରୁ ଉଦ୍ଧାରେ ଯାହା।
କିସ ଏହା ନାମ କୁହରେ ଅନାମ
ବୁଢ଼ାବୁଢ଼ୀଙ୍କର ଅଧିକ ସାହା।



ଉତ୍ତର – ମଫଲର

ନଳୀ ଲୋ ନଳୀ
ନଇଁ ନଇଁକା ଖେଳଇ ଦୋଳି,
ଦିଶେ ସୁନା ରଙ୍ଗ ଚାମର ଭଳି
ଖାଦ୍ୟରେ ସେ ଏକ ନମ୍ବର,
ପାଚିଗଲା ଏବେ କାଟିବା ତାହାକୁ
ଚାଷୀ ଭାଇ ଦେଲା ଖବର।



ଉତ୍ତର – ଧାନ

– କବିଜ୍ୟୋତି ନିରଞ୍ଜନ ପତି
ଗାନ୍ଧୀ ମାର୍ଗ, ଅନୁଗୋଳ
ମୋ: ୯୯୩୮୧୩୩୫୯

# ବିଜ୍ଞାନ ମେଳାର ମଜା



ସେଦିନ ଭୁବନେଶ୍ୱରସ୍ଥ ୟୁନିଟ୍ ୯ସ୍ଥିତ ସରକାରୀ ବିଦ୍ୟାଳୟରେ ବିଜ୍ଞାନ ମେଳାର ଆୟୋଜନ କରାଯାଇଥାଏ। ନିକଟ ବିଦ୍ୟାଳୟରୁ ପିଲାମାନେ ଯାଇ ବିଜ୍ଞାନ ମେଳାରେ ପ୍ରଦର୍ଶିତ ପ୍ରକଳ୍ପଗୁଡିକୁ ଦେଖି ଖୁସି ହୋଇ ସେ ସମ୍ପର୍କରେ ପଚାରି ବୁଝୁଥାଆନ୍ତି। ସେମାନଙ୍କ ମଧ୍ୟରୁ ମୋନାଲିସା ନାମକ ଜଣେ ୭ମ ଶ୍ରେଣୀ ଛାତ୍ରୀ ଗୋଟିଏ ପ୍ରକଳ୍ପ ପାଖରେ ଅଟକି ଯାଇ ଦେଖିଲା ଯେ, ଗୋଟିଏ ପ୍ଲାଷ୍ଟିକ୍ ଜାର୍‌ରେ ପ୍ଲାଷ୍ଟିକ୍ ନଳୀ ଖଣ୍ଡିକର ଗୋଟିଏ ପ୍ରାନ୍ତରେ ବେଲୁନ୍‌ଟିଏ ବନ୍ଧାହୋଇ ଜାର୍ ଭିତରେ ରଖାଯାଇଛି। ପ୍ରଦର୍ଶନକାରୀ ଅନ୍ୟ ଏକ ପ୍ଲାଷ୍ଟିକ୍ ନଳୀର ଗୋଟିଏ ପ୍ରାନ୍ତ ପାଟିରେ ପୂରାଇ ତା' ଭିତରୁ ବାୟୁ ଫୁଙ୍କିବାରୁ ଦେଖାଗଲା ଯେ ଭିତରେ ଥିବା ବେଲୁନଟି ଆସ୍ତେ ଆସେ ଶୋଷିବାକୁ ଆରମ୍ଭ କଲା ଏବଂ ଫୁଲିଲା। ପୁଣି ପାଟି ଭିତରୁ ନଳୀ ବାହାର କରି ଦେବାରୁ ବେଲୁନର ବାୟୁ ଚାଲିଯାଇ ବେଲୁନଟି ସଙ୍କୁଚିତ ହୋଇ ପୂର୍ବ ଅବସ୍ଥାକୁ ଆସିଗଲା। ମୋନାଲିସା ପଚାରିଲା, ଭଉଣୀ,ଏମିତି ବେଲୁନଟି ପ୍ରସାରିତ ହେଉଛି,ପୁଣି ସଙ୍କୁଚିତ ହେଉଛି କାହିଁକି ?

ପ୍ରଦର୍ଶନକାରୀ କହିଲେ,''ଭଉଣୀ, ଦେଖ, କାନ୍ଥରେ ଗୋଟିଏ ଡ୍ରଇଂ ପେପରର ଚାର୍ଟରେ ପ୍ରକଳ୍ପର ନାମ ବେଲୁନ ଓ ବାୟୁର ଖେଳ ଲେଖାଯାଇ ସମସ୍ତ ତଥ୍ୟ ଦିଆଯାଇଛି। ମୋନାଲିସା ଚାର୍ଟର ସମସ୍ତ ବିଷୟକୁ ପଢ଼ିସାରି ପଚାରିଲା,ଭଉଣୀ,ମୁଁ ନିଜେ ଉକ୍ତ ପରୀକ୍ଷାଟି କରିବା ପାଇଁ ଚାହୁଁଛି।'' ପ୍ରଦର୍ଶନକାରୀ ରାଜିହୋଇ ତାଙ୍କୁ ନିଜେ ପାଟିରେ ନଳୀ ପୂରାଇ ବାୟୁ ଶୋଷିବା(ଟାଣିବା) ପାଇଁ କହିଲେ,ମୋନାଲିସା ସେଭଳି କରିବାରୁ ବେଲୁନଟି ଫୁଲି ଉଠିଲା। ଏତିକିବେଳେ ପ୍ରଦର୍ଶନକାରୀ କହିଲେ,ତୁମେ ପାଟିରୁ ନଳୀ ବାହାର କରି ଆଙ୍ଗୁଠି ଟିପ ଦ୍ୱାରା ନଳୀର ମୁହଁକୁ ବନ୍ଦ କରି ଦେଖିବ କ'ଣ ହେଉଛି। ପୁଣି ଆଙ୍ଗୁଠି ଟିପ ବାହାର କରି ଦେଖ କ'ଣ ହେବ।

ମୋନାଲିସା ସେହିଭଳି କରିବାରୁ ପ୍ରଥମେ ଫୁଲିଥିବା ବେଲୁନଟି କିଛି ସମୟ ଫୁଲି ରହିଲା କିନ୍ତୁ ଆଙ୍ଗୁଠି ଟିପ ବାହାର କରି ଦେବାରୁ ଧୀରେ ଧୀରେ ବେଲୁନଟି ସଙ୍କୁଚିତ ହୋଇଗଲା। ମୋନାଲିସା ପଚାରିଲା ତୁମେ କିପରି ଏହି ପରୀକ୍ଷାଟି ପ୍ରସ୍ତୁତ କରିଛ ଓ ବେଲୁନଟି କାହିଁକି ପ୍ରସାରିତ ହେଉଛି ପୁଣି ସଙ୍କୁଚିତ ହେଉଛି। ପ୍ରଦର୍ଶନକାରୀ କହିଲେ, ଏହି ପରୀକ୍ଷାଟି ଅତି ସରଳ। ବିନା ଖର୍ଚ୍ଚରେ ତୁମ ଘରେ ଥିବା ଜିନିଷରେ ହୋଇପାରିବ। ଦେଖ-ତୁମ ଘରେ ଚିନି କିମ୍ୱା ସୁଜି ରଖିବା ପାଇଁ ୧କିଗ୍ରା ବିଶିଷ୍ଟ ପ୍ଲାଷ୍ଟିକ୍ ଜାର୍ ଥିବ। ତା'ର ଠିପିର କେନ୍ଦ୍ରସ୍ଥଳରେ ଓ ତା'ଠାରୁ ଅଳ୍ପ ବ୍ୟବଧାନରେ ଗୋଟିଏ ବଡ ଲୁହାକଣ୍ଟାକୁ ନିଆଁରେ ଉତ୍ତପ୍ତ କରାଇ ଫୋଡି ଦେଲେ ଦୁଇଟି ରନ୍ଧ୍ର ହୋଇଯିବ। ୧୫ରୁ ୨୦ସେ.ମି ଦୈର୍ଘ୍ୟର ଦୁଇ ଖଣ୍ଡ ସରୁ ପ୍ଲାଷ୍ଟିକ୍ ନଳୀ ନେବ। ଗୋଟିଏ ନଳୀର ପ୍ରାନ୍ତରେ ବେଲୁନଟିଏ ଲଗାଇ ସୂତାରେ ବାନ୍ଧି ଦେବ। ଉକ୍ତ ବେଲୁନ ବନ୍ଧା ନଳୀର ଅନ୍ୟ ପ୍ରାନ୍ତଟି ଜାର୍ ଠିପିର ମଝି ରନ୍ଧ୍ରରେ ପୂରାଅ ଯେପରିକି ନଳୀର କିଛି ଅଂଶ ଠିପିର ବାହାରକୁ ଥିବ। ପୁଣି ଅନ୍ୟ ନଳୀଟି ଠିପିର ଅନ୍ୟ ରନ୍ଧ୍ରରେ ପୂରାଅ,ଯେପରି କି ଅଳ୍ପ ଅଂଶ ଠିପି ଭିତରେ ପଟେ ରହିବ ଓ ଅଧିକ ଅଂଶ ବାହାର ପଟେ ରହିବ। ବର୍ତ୍ତମାନ ନଳୀ ଭର୍ତ୍ତି କରାଯାଇଥିବା ଠିପିର ସେହି ଦୁଇ ରନ୍ଧ୍ରର ଚାରିପଟେ ଏମ୍‌ସିଲ୍ କିମ୍ୱା କୁଇକ୍ ଫିକ୍ସ ଦ୍ୱାରା ବାୟୁ ନିରୋଧ (ଏୟାର ଟାଇଟ୍ ) କର। ଏବେ ବେଲୁନ ନଳୀ ସହିତ ଠିପିଟି ଜାର୍ ମୁହଁରେ ଜୋରରେ ଭିଡି ଦିଅ। ବର୍ତ୍ତମାନ ଦ୍ୱିତୀୟ ନଳୀର ଲମ୍ୱ ଅଂଶକୁ ପାଟିରେ ପୂରାଇ ଶୋଷିଲେ ପ୍ରଥମ ନଳୀରେ ଥିବା ବେଲୁନ ଫୁଲି ଉଠିବ। କାରଣ ଶୋଷିବାରୁ ଜାର୍ ଭିତର ବାୟୁ ପାଟି ଭିତରକୁ ଆସିଲା ଓ ଜାର୍ ଭିତରେ ବାୟୁର ଚାପ କମିଲା। ବାହାରର ବାୟୁ ପ୍ରଥମ ନଳୀ ଦେଇ ବେଲୁନ ମଧ୍ୟକୁ ଯିବାରୁ ବେଲୁନଟି ଫୁଲିଉଠିଲା। କାରଣ ବେଲୁନ ଭିତରେ ବାୟୁର ଚାପ ବଢ଼ିଲା। ତୁମେ ଯେତେବେଳେ ପାଟିରୁ ନଳୀ ବାହାର କରି ଆଙ୍ଗୁଠି ଦ୍ୱାରା ଚାପି ରଖିଲ ବାୟୁ ଚାପର ପରିବର୍ତ୍ତନ ନ ଘଟି ବେଲୁନଟି ସେମିତି ଫୁଲି ରହିଲା। ପୁଣି ଯେତେବେଳେ ଆଙ୍ଗୁଠି ଚାପ ବଢ଼ିଲା ତା'ର ପ୍ରଭାବ ବେଲୁନ୍ ଉପରେ ପଡି ବେଲୁନ୍‌ର ଭିତରର ବାୟୁର ଚାପ ବଢ଼ିଲା। ତା'ର ପ୍ରଭାବ ବେଲୁନ ଉପରେ ପଡି ବେଲୁନର ଭିତରର ବାୟୁ ଠେଲି ହୋଇ ବାହାରକୁ ଯିବାରୁ ବେଲୁନଟି ସଙ୍କୁଚିତ ହେଲା। ଏହା ଶୁଣି ମୋନାଲିସା ଖୁସି ହୋଇ ପ୍ରଦର୍ଶନକାରୀଙ୍କୁ ଧନ୍ୟବାଦ ଜଣାଇ ପାଖରେ ଥିବା ଅନ୍ୟ ପ୍ରକଳ୍ପଗୁଡିକ ନିକଟକୁ ଯାଇ ବିଜ୍ଞାନ ମେଳାର ମଜା ଉଠାଇଲା।

-**ବିନୋଦ ଚନ୍ଦ୍ର ଜେନା**,ପାରଳାଖେମୁଣ୍ଡି,ଗଜପତି
ମୋ: ୭୭୩୫୨୨୨୭୧୩



# ଗଭୀରତମ ନଦୀ

ସାଧାରଣତଃ ନଦୀର ଗଭୀରତା ଏତେ ହୋଇଥାଏ, ଯେଉଁଥିରେ ଗୋଟେ ଲୋକ ବୁଡିଯାଏ। କିନ୍ତୁ ଆପଣ କେବେ ଭାବିଛନ୍ତି ଏମିତି ଏକ ନଦୀ ରହିଛି ଯେଉଁଠାରେ ତିନୋଟି କୁତବ୍‌ମିନାର ମଧ୍ୟ ବୁଡିଯିବ। ଏହି ନଦୀଟି ହେଉଛି ଆଫ୍ରିକା ମହାଦ୍ୱୀପର ଦୀର୍ଘତମ ଏବଂ ଗଭୀରତମ କଙ୍ଗୋ ନଦୀ। ଏହାକୁ ଜାୟରେ ନଦୀ ମଧ୍ୟ କୁହାଯାଏ। ଏହି ନଦୀର ଗଭୀର ପାଖାପାଖି ୭୨୦ଫୁଟ। ନଦୀର ଗଭୀରତା ଅନ୍ୟ ଯେକୌଣସି ନଦୀ ତୁଳନାରେ ଅଧିକ। ଗଭୀରତା ସହିତ ନଦୀର ସ୍ରୋତ ମଧ୍ୟ ବହୁତ ଅଧିକ ରହିଥାଏ।

ଏହି ନଦୀରେ ଏକ ବିଶାଳ ଜଳମାର୍ଗ ରହିଛି ଯାହା ମାଧ୍ୟମରେ ବାଣିଜ୍ୟ କାରବାର ମଧ୍ୟ କରାଯାଏ। ନୀଳ ନଦୀ ପରେ ଏହା ହେଉଛି ଆଫ୍ରିକାର ଦ୍ୱିତୀୟ ବୃହତ୍ତମ ନଦୀ। ଏହାର ଲମ୍ୱ ପ୍ରାୟ ୪୭୦୦ କିଲୋମିଟର।

# ଦାମୀ କାର୍

ବିଶ୍ୱରେ ବିଭିନ୍ନ ପ୍ରକାର ଦାମୀ କାର୍ ଦେଖିବାକୁ ମିଳେ। ଏହି ଦାମୀ କାର୍ ଲିଷ୍ଟ ସବୁବେଳେ ବଦଳୁଥିବାର ଦେଖାଯାଏ। କିନ୍ତୁ ଏମିତି କିଛି ବ୍ରାଣ୍ଡ ରହିଛି ଯାହା ସବୁବେଳେ ଉପରେ ରହିଥାଏ। ସେ ମଧ୍ୟରେ ରୋଲ୍ସ ରାୟସ,ପେଗାନୀ ଭଳି କେତେକ କାର୍ ସାମିଲ ଅଛି। ଏହି କାର୍‌ଗୁଡିକର ଦାମ୍ ଶହେ କୋଟିରୁ ଅଧିକ। କାର୍‌ଗୁଡିକ ନିର୍ମାଣ ଲାଗି କେତେକ ଖାସ୍ ଜିନିଷ ଏବଂ ଟେକ୍ନୋଲୋଜିର ପ୍ରୟୋଗ କରାଯାଇଛି। ବିଶ୍ୱର ସବୁଠାରୁ ଦାମୀ କାର୍ ଭାବେ 'ରୋଲ୍ସ ରାୟସ୍ ଲା ରୋଜ ନୋଇରେ ଡ୍ରପ୍ ଟେଲ୍ 'ନାମ ବେଶ୍ ଜଣାଶୁଣା। ଏହି କାର୍ ଦାମ୍ ପ୍ରାୟ ୨୪୯ କୋଟି ଟଙ୍କା ହେବ। ଏହାକୁ କିଣିବା ଲାଗି ସମସ୍ତେ ସମର୍ଥ ନୁହନ୍ତି। କାରଣ ଯାହା ନିକଟରେ ଏତେ ଟଙ୍କା ନାହିଁ ସେ ଏହି ଲକ୍‌ଜୁରୀ ଗାଡି କିଣିପାରିବେ ନାହିଁ। ଏହାପରେ 'ରୋଲ୍ସ ରାୟସ୍ ବୋଟ ଟେଲ୍'ର ନାମ ଆସିଥାଏ, ଯାହାର ଦାମ୍ ପ୍ରାୟ ୨୦୦କୋଟି ଟଙ୍କା । ଦାମୀ କାର୍ ତାଲିକାର ତୃତୀୟ ସ୍ଥାନରେ 'ବୁଗାଟୀ ଲା ଭୋଇଚର ନୋଇରେ'ର ନାମ ଆସିଥାଏ, ଯାହାର ଦାମ୍ ପ୍ରାୟ ୧୫୬ କୋଟି ହେବ। ଏହାପରେ ଚତୁର୍ଥ ନମ୍ୱରରେ 'ପାଗାନୀ ଜୋଣ୍ଡା ଏଚ୍ ପି ବାରଚେଟା, ଯାହାର ଦାମ୍ ପ୍ରାୟ ୧୨୨ କୋଟି ଏବଂ ପଞ୍ଚମରେ ଏସ୍‌ପି ଅଟୋମୋଟିଭ୍ ଚାଓଜ'କାର୍‌ର ନାମ ଆସିଥାଏ। ଏହି କାର୍‌ର ଦାମ୍ ପାଖାପାଖି ୧୨୦କୋଟି ହେବ।



# ଆ ଇ ନା

ରାଇଶା ସନାୟା
୭ ବର୍ଷ/ଭୁବନେଶ୍ୱର





ଶ୍ରୀୟା ସମୃଦ୍ଧି ନାୟକ
୬ ବର୍ଷ/ସମ୍ବଲପୁର